


## ସଂକ୍ଷେପରେ



### ରିଲିଫ୍ ପରିବହନ ପାଇଁ ୧୬୭ ଗାଡ଼ି ନିୟୋଜିତ

**ପାରଳାଖେମୁଣ୍ଡି, ୨୩।୧୦ (ସ୍ୱ.ପ୍ର.):** ଗଜପତି ଜିଲାରେ ରିଲିଫ ପରିବହନ ଏବଂ ଅଧିକାରୀମାନଙ୍କ ଗସ୍ତ ନିମନ୍ତେ ୧୬୭ଟି ଗାଡି ନିୟୋଜିତ ହୋଇଥିବା ପାରଳାଖେମୁଣ୍ଡିସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏଥିମଧ୍ୟରେ ୪୦ଟି ବୋଲେରୋ, ୫୯ଟି ପିକଅପ୍ ଭ୍ୟାନ୍, ୨୨ଟି ମିନିଟ୍ରକ, ୨୫ଟି ଟ୍ରକ, ୧୦ଟି ମିନିବସ୍, ୫ଟି ପାଣି ଟ୍ୟାଙ୍କର, ୬ଟି ମ୍ୟାକ୍ସ କେବ୍ ରହିଛି। ଗଜପତି ଷ୍ଟାଡିୟମରେ ଖୋଲାଯାଇଥିବା ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍‌ରେ ଆଞ୍ଚଳିକ ପରିବହନ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରୁଥିବା ଜଣାପଡ଼ିଛି।

### ଜୁଆ ଆଡ୍ଡାରେ ଚଢାଉ: ୧୩ ଗିରଫ

#### ୭ ବାଇକ୍ ସହ ୯୧ ହଜାର ଟଙ୍କା ଜବତ

**ପାରଳାଖେମୁଣ୍ଡି, ୨୩।୧୦ (ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଓମ୍ ଶାନ୍ତି କଲୋନୀର ଏକ ସ୍ଥାନରେ ସୋମବାର ରାତିରେ ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଚଢାଉ କରି ୧୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୯୧ହଜାର ଟଙ୍କା ସମେତ ୯ଟି ବାଇକ ଜବତ କରାଯାଇଛି। ଏ ସଂକ୍ରାନ୍ତରେ କେସ୍ ନଂ. ୨୦୯/୧୮ ରୁଜୁ ହୋଇଥିବାବେଳେ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

### ୩ ଜୁଆଡି ଗିରଫ

**ମାଲକାନଗିରି, ୨୩।୧୦ (ଡି.ଏନ୍.ଏ.):** ସୋମବାର ରାତିରେ ମାଲକାନଗିରି ଥାନା ଆଇ.ଆଇ.ସି. ସୌମେନ୍ଦ୍ର ଶେଖର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ଏନ୍.ମାଝୀ ଏବଂ ପୋଲିସ ଦଳ ପାଟ୍ରୋଲିଂ କରୁଥିଲେ। ଗୌଡଗୁଡା ପଞ୍ଚାୟତ ଏମ୍.ଭି. ୧୦ ଗ୍ରାମରେ ଜୁଆ ଖେଳ ଚାଲିଥିବା ଖବର ପାଇ ସଦଳବଳେ ଘଟଣା ସ୍ଥଳ ଉପରେ ଚଢାଉ କରିଥିଲେ। ଜୁଆ ଖେଳୁଥିବା ୩ଜଣଙ୍କୁ ଗିରଫ କରିବା ସହ ୩୩,୩୯୦ ଟଙ୍କା ଏବଂ ପ୍ଲାଷ୍ଟିକ୍ ତାସ୍ ଏବଂ ୬ଟି ମୋଟର ସାଇକେଲ ଓ ୩ଟି ମୋବାଇଲ୍ ଫୋନ୍ ଜବତ କରିଥିଲେ। ଗିରଫ ବ୍ୟକ୍ତିମାନେ ହେଲେ ଏମ୍.ଭି.- ୯ ଗ୍ରାମର ନିରୋଦ ବିଶ୍ୱାସ (୫୮), ବିନୋଦ ଯଶବାଲ୍ (୬୧), ଏମ୍.ଭି. ୧୦ ଗ୍ରାମର କ୍ରିଷ୍ଣପଦ ବିଶ୍ୱାସ। ଘଟଣା ସ୍ଥଳରୁ ଏମ୍.ଭି.- ୧୧ ଗ୍ରାମର ନିମାଇ, ପରିମଳ, ଏବଂ ଏମ୍.ଭି.- ୨୯ ଗ୍ରାମର ସୁକରଞ୍ଜନ ଫେରାର ହୋଇ ଯାଇଥିଲେ। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

■ ସନଶାଇନ୍ ଇନ୍‌ଫ୍ରା ବିଲ୍ଡ କର୍ପୋରେଶନ ନାଁରେ ଅଭିଯୋଗ

# ୧୦ କୋଟି ଠକିଛି ଚିଟ୍‌ଫଣ୍ଡ ସଂସ୍ଥା

**ଜୟପୁର, ୨୩।୧୦ (ନି.ପ୍ର./ଡି.ଏନ୍.ଏ.)**

## ଶୋଭାଯାତ୍ରାରେ ଯାଇ ଥାନାରେ ଏତଲା ଦେଲେ ଜମାକାରୀ



ଥାନାରେ ଏତଲା ଦେବାକୁ ପହଞ୍ଚିଥିବା ଜମାକାରୀମାନେ।

ସନସାଇନ୍ ଇନଫ୍ରା ବିଲ୍ଡ କର୍ପୋରେଶନ ଲିମିଟେଡ୍ ୧୦ କୋଟି ଟଙ୍କା ଠକିଥିବା ଜୟପୁର ଟାଉନ ଥାନାରେ ଏତଲା ହୋଇଛି । ୧୦ ଜଣ ଜମାକାରୀ ମଙ୍ଗଳବାର ଏହି ଏତଲା ଦେଇଛନ୍ତି । ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର କୋରାପୁଟ ଶାଖା ଶୋଭାଯାତ୍ରା ଯାଇ ଟାଉନଥାନାରେ ଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କୁ ଏତଲା ଦେଇଛି। ଜୟପୁରରେ ସଂସ୍ଥା ଅଫିସ୍ ଖୋଲି ଜମାକାରୀଙ୍କଠାରୁ ୧୦ କୋଟି ଟଙ୍କା ଠକିଥିବା ଅଭିଯୋଗ ହୋଇଛି।

୨୦୦୮ ଜୁନରେ ଜୟପୁର ଟାଉନ ହଲ ପରିସରରେ ଏକ ସଭା କରି ପ୍ରଥମେ ପି.ପି.ଏନ୍. ନାମରେ ଏକ ସଂସ୍ଥା ବିଭିନ୍ନ ଲୋଭନୀୟ ସ୍କିମ୍ ଜରିଆରେ ଲୋକଙ୍କଠାରୁ ଜମାରାଶି ସଂଗ୍ରହ କରିଥିଲା। ପରେ କମ୍ପାନିର ନାମ ବଦଳାଇ ସନସାଇନ୍ ଇନଫ୍ରା ବିଲଡ୍ କର୍ପୋରେସନ ଲିଃ, ରୟାଲ କଲେଜ, ଲକ୍ଷ୍ମୀ ନଗର, ଦିଲ୍ଲୀ ନାଁରେ ପୁଣି ଲୋଭନୀୟ ସ୍କିମ ଦେଖାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରିଥିଲା ଏହି ସଂସ୍ଥା। ୨୦୧୧ରେ ଜୟପୁର ସହର ଢେପଗୁଡ଼ା ହନୁମାନ ମନ୍ଦିର ନିକଟରେ ସଂସ୍ଥା ନିଜର କାର୍ଯ୍ୟାଳୟ ଖୋଲିଥିଲା। ପ୍ଲଟ୍ ଯୋଗାଇବା ଏବଂ ଫିକ୍ସଡ ଡିପୋଜିଟ୍, ଆରଡି ଡିପୋଜିଟ ସ୍କିମ, ମାସିକ ଇନକମ ପ୍ଲାନ ଜରିଆରେ ଅଧିକ ସୁଧର ଲୋଭ ଦେଖାଇ ଜମାକାରୀଙ୍କଠାରୁ ଅର୍ଥ ଆଦାୟ କରାଯାଇଥିଲା। କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଜିଲାର ହଜାର ହଜାର ଜମାକାରୀ ନିଜ କଷ୍ଟର୍ଜିତ ଅର୍ଥ ଏହି କାର୍ଯ୍ୟାଳୟରେ ପଇଠ କରି ବଣ୍ଡ ଓ ରସିଦ ପାଇଛନ୍ତି । କିନ୍ତୁ ୨୦୧୩ ଜୁନ ମାସରୁ ଚିଟ୍‌ଫଣ୍ଡ ଉପରେ ଚଢ଼ାଉ ଆରମ୍ଭ ହେବା ପରେ ସଂସ୍ଥା ହଠାତ୍ ନିଜର କାର୍ଯ୍ୟାଳୟ ବନ୍ଦ କରିଦେଇଥିଲା। କିନ୍ତୁ କମ୍ପାନି ୨୦୧୪ ଯାଏଁ ଗ୍ରାହକଙ୍କ ସହ ସମ୍ପର୍କ ରଖି ଜମାରାଶି ଆଦାୟ କରିଚାଲିଥିଲା । ଅବିଭକ୍ତ କୋରାପୁଟ ଜିଲାର ୧୬୦୦ ଜଣ ଜମାକାରୀଙ୍କ ଏକ କୋଟି ୬୦ ଲକ୍ଷ ଟଙ୍କା ଠକିଥିବା ନେଇ ସଂସ୍ଥା ବିରୋଧରେ ଏତଲା ଦିଆଯାଇଛି। ସେହିପରି ଆହୁରି ଅନେକ ଗ୍ରାହକ ଠକାମିର ଶିକାର ହୋଇଛନ୍ତି। ଏହି ଠକେଇ ରାଶି ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ମିଳିତ ମଞ୍ଚ ରାଜ୍ୟ ଯୁଗ୍ମ ସଂପାଦକ ପ୍ରଦୀପ ମହାରଣା କହିଛନ୍ତି । ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ କରାଯାଇଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି । ଏତଲା ପ୍ରଦାନ ବେଳେ ରାଜ୍ୟ ଆବାହକ ଜୟନ୍ତ ଦାସ, ଗ୍ରାହକ ଅଖିଳ ଚନ୍ଦ୍ର ଟାପାଲି, ଲକ୍ଷ୍ମଣ ନାୟକ, ସଦାନନ୍ଦ ଗୁଣ୍ଡା, ପିତାମ୍ବର ସଇଲା, ତୁଳସା ନାୟକ, କୃଷ୍ଣ ଖରା ଉପସ୍ଥିତ ଥିଲେ ।

■ କ୍ଷୟକ୍ଷତି ସଂକ୍ରାନ୍ତ ସମୀକ୍ଷା ବୈଠକ

# ‘୨୫ ସୁଦ୍ଧା କ୍ଷତିଗ୍ରସ୍ତ ସ୍କୁଲ କାର୍ଯ୍ୟକ୍ଷମ କର’

**ପାରଳାଖେମୁଣ୍ଡି, ୨୩।୧୦(ସ୍ୱ.ପ୍ର.)**


ବୈଠକରେ ପଞ୍ଚାୟତିରାଜ ବିଭାଗ ଉପସଚିବ ରୂପା ମିଶ୍ର, ଜିଲାପାଳ ଅନୁପମ ଶାହା ଏବଂ ଅନ୍ୟ ଅଧିକାରୀମାନେ।

■୧୭୧ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୧୧୯ ମରାମତି ଶେଷ

■୨ଦିନ ମଧ୍ୟରେ ବାସଗୃହ ସର୍ଭେ ସାରିବାକୁ ନିର୍ଦ୍ଦେଶ

ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପଞ୍ଚାୟତିରାଜ ବିଭାଗ ଉପସଚିବ ରୂପା ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଷୟକ୍ଷତିର ଆକଳନ ଓ ତା'ର ଭରଣା ନେଇ ଆଲୋଚନା କରାଯାଇଥିଲା। ଜିଲାରେ କ୍ଷତିଗ୍ରସ୍ତ ହୋଇଥିବା ୧୭୧ଟି ପ୍ରକଳ୍ପ ମଧ୍ୟରୁ ୧୧୯ଟିର ମରାମତି କାମ ସରି ପାଣି ଯୋଗାଣ ଆରମ୍ଭ ହୋଇଥିବା ବୈଠକରେ ସୂଚନା ଦିଆଯାଇଛି। ଅବଶିଷ୍ଟ କାର୍ଯ୍ୟ ଆସନ୍ତା ୨ଦିନ ଭିତରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାଣି ଯୋଗାଣ ପାଇଁ ନଳକୂପ ମରାମତି କରାଯାଉଛି। ପଶୁପକ୍ଷୀଙ୍କ ମୃତଦେହ ପୋତିବା, ପୋଡିବା କାର୍ଯ୍ୟ ଜାରି ରହିଛି। ଉପୁଡି ପଡିଥିବା ଓ ଭାଙ୍ଗିଥିବା ଗଛ, ଡାଳଗୁଡିକୁ ସଫା କରିବାକୁ କୁହାଯାଇଛି । ଆସନ୍ତା ୨୫ତାରିଖରେ ବିଦ୍ୟାଳୟଗୁଡ଼ିକ ଖୋଲିବାକୁ ଥିବାରୁ ସମସ୍ତ ସ୍କୁଲରେ ପିଇବା ପାଣି, ବିଦ୍ୟୁତ ଯୋଗାଣ ସହ ଶ୍ରେଣୀଗୃହ ଗୁଡିକର ମରାମତି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କ୍ଷତିଗ୍ରସ୍ତ ବାସଗୃହଗୁଡିକର ସର୍ଭେ କାର୍ଯ୍ୟରେ ଶିକ୍ଷକମାନଙ୍କୁ ନିୟୋଜିତ କରାଯାଇ ଆସନ୍ତା ଦୁଇଦିନ ମଧ୍ୟରେ କାମ ସାରିବାକୁ କୁହାଯାଇଛି । ରାଜସ୍ୱ, କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀଙ୍କ ଦ୍ୱାରା ଚାଲିଥିବା ସର୍ଭେ କାମକୁ ଆସନ୍ତା ଦୁଇଦିନ ଭିତରେ ସାରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକ ଶିଘ୍ର ଖୋଲାଯିବା ନେଇ ଆନୁସଙ୍ଗିକ ବ୍ୟବସ୍ଥା ସାରିବାକୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ କୁହାଯାଇଛି। ଉପସଚିବ ମିଶ୍ର ଗୋଷାଣି ବ୍ଲକର କ୍ଷତିଗ୍ରସ୍ତ ପଞ୍ଚାୟତ ବୁଲି କ୍ଷୟକ୍ଷତି ଦେଖିଛନ୍ତି। ବିଭିନ୍ନ ବିଭାଗ ଦ୍ୱାରା ଚାଲିଥିବା କାର୍ଯ୍ୟରେ ସେ ସନ୍ତୋଷ ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ଜିଲାପାଳ ଅନୁପମ ଶାହା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ, ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଡିଏଲ୍‌ପିସି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

# ୬ରୁ ଆରମ୍ଭ ହେବ ଧାନ ସଂଗ୍ରହ

**କୋରାପୁଟ, ୨୩।୧୦(ସ୍ୱ.ପ୍ର.)**

## ଡିଏଲ୍‌ପିସି ବୈଠକ

■ଜିଲାରେ ଖୋଲିବ ୧୦୭ ଖରିଫ ମଣ୍ଡି

■କୋରାପୁଟ ଉପଖଣ୍ଡରେ ୪୯, ଜୟପୁରରେ ୫୮ ମଣ୍ଡି

କୋରାପୁଟସ୍ଥିତ ସଦଭାବନା ସଭାଗୃହରେ ମଙ୍ଗଳବାର ଡିଏଲପିସିର ବୈଠକ ଅନୁଷ୍ଠିତ ହୋଇଛି। ନଭେମ୍ବର ୬ରୁ ମଣ୍ଡି ମାଧ୍ୟମରେ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହେବ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ଲକ୍ଷ୍ମୀପୁର ବିଧାୟକଙ୍କ ପ୍ରତିନିଧି ରୂପକ କୁମାର ତୁରୁକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ ପ୍ରଧାନ, ଜିଲା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଲ୍ୟାମ୍ପର ଏମ୍‌ଡିମାନେ ଯୋଗ ଦେଇଥିଲେ।

ଚଳିତ ଖରିଫ ଋତୁରେ ଉତ୍ପାଦିତ ଧାନ କିପରି ସଂଗ୍ରହ କରାଯିବ, ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ନଭେମ୍ବର ୬ରେ ଜିଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ୨୦୧୮-୧୯ ଖରିଫ ବର୍ଷରେ ଜିଲାରେ କେତେ ଚାଷୀ ନିଜ ନାମ ପଞ୍ଜିକରଣ କରିଛନ୍ତି, ସେମାନଙ୍କ ଜମି ରେକର୍ଡ ସଂପୃକ୍ତ ତହସିଲଦାର ଓ କୃଷି ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବ। ସେମାନଙ୍କ ନାମରେ ବ୍ୟାଙ୍କ ପାସବୁକ ଅଛି କି ନାହିଁ, ସେ ନେଇ ବୈଠକରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲାର ବିଭିନ୍ନ ସ୍ଥାନରେ ମଣ୍ଡି ଆରମ୍ଭ ହେବା ନେଇ ଆଲୋଚନା ହୋଇଥିଲା। ଜିଲାରେ ମୋଟ ୧୦୭ଟି ମଣ୍ଡି କରାଯିବାକୁ ଥିବାବେଳେ ସେଥିରୁ କୋରାପୁଟ ଉପଖଣ୍ଡରେ ୪୯ଟି ଓ ଜୟପୁର ଉପଖଣ୍ଡରେ ୫୮ଟି ମଣ୍ଡି କରାଯିବ। ନଭେମ୍ବର ୬ରେ ଜିଲାରୁ ପ୍ରଥମେ ବନ୍ଧୁଗାଁରୁ ହିଁ ମଣ୍ଡିରେ ଧାନ ସଂଗ୍ରହ ଶୁଭାରମ୍ଭ କରାଯିବାକୁ ଥିବାବେଳେ ଜୟପୁର ଉପଖଣ୍ଡରେ ୯ ତାରିଖରୁ ଧାନ ସଂଗ୍ରହ କରାଯିବ। ଚଳିତ ବର୍ଷ ସାଧାରଣ ଏଫଏକ୍ୟୁ ମାନର ଧାନ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଏଫଏକ୍ୟୁ ଗ୍ରେଡ-ଏ ମାନର ଧାନ କୁଇଣ୍ଟାଲ ପ୍ରତି ୧୭୭୦ ଟଙ୍କା ଦେବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିବା ବୈଠକରେ ସୂଚନା ମିଳିଥିଲା। ସେହିପରି ଚଳିତ ମାସ ୩୦ ସୁଦ୍ଧା ଜିଲାର ସମସ୍ତ ଲ୍ୟାମ୍ପରେ ପିପିଏସ୍ ସଫ୍ଟୱେର ଇନଷ୍ଟଲେସନ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବ୍ଲକସ୍ତରୀୟ ଚାଷୀଙ୍କୁ ୩୦ ସୁଦ୍ଧା ସମସ୍ତ ତାଲିମ କାର୍ଯ୍ୟ ସାରିବା ପାଇଁ ବ୍ଲକ ଯୋଗାଣ ଅଧିକାରୀ, ଲ୍ୟାମ୍ପସ ଅଧିକାରୀ, ମିଲର, ଆରଏମସି ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ କହିଥିଲେ।

# ବିଜୁ ଯୁବ ବାହିନୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ଗୋଷାଣି, ୨୩।୧୦(ଡି.ଏନ୍.ଏ.)**

ଗୋଷାଣି ବ୍ଲକର ଡାଟିପେଟା, ଭୁଶୁକୁଡ଼ି, ଶରଧାପୁର ଓ ମହାଦେଇପୁର ଆଦି ଗ୍ରାମରେ ମଙ୍ଗଳବାର ବିଜୁ ଯୁବ ବାହିନୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଜୁ ଯୁବ ବାହିନୀର ବ୍ଲକ ସଭାପତି ଚିନୁରାଜ ପାତ୍ର ଏବଂ ବିଜେଡି ବ୍ଲକ ସଭାପତି ଉମାଶଙ୍କର ପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ ରାସ୍ତାଘାଟ ସଫେଇ କରିଥିଲେ। ଏଥିସହ ଘର ଓ କାର୍ଯ୍ୟାଳୟଗୁଡ଼ିକ ଉପରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଗଛଗୁଡ଼ିକୁ କାଟି ସଫା କରାଯାଇଥିଲା। ଗୁରାଣ୍ଡି ସରପଞ୍ଚ ଜଗନ୍ନାଥ ନାୟକ, ଆଇନଜୀବୀ ଶିଶିର କୁମାର ଜେନା, ବିଜେଡି କର୍ମୀ କେ. ପ୍ରହଲ୍ଲାଦ ଏବଂ ସଞ୍ଜୟ କୁମାର ଜେନାଙ୍କ ସମେତ ବିଜୁ ଯୁବ ବାହିନୀର ସଦସ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏନଡିଆର୍‌ଏଫ ଟିମ୍ ଏଥିରେ ସହଯୋଗ କରିଥିଲା।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜୁ ଯୁବ ବାହିନୀର ସଦସ୍ୟମାନେ।

# ମାଲକାନଗିରିରେ ଆଦିବାସୀ, କୋରାପୁଟରେ ଅଣଆଦିବାସୀ

**କଳ୍ପତରୁ ମହାନ୍ତି**
**ବୈପାରୀଗୁଡ଼ା, ୨୩।୧୦**

## ପ୍ରତାରିତ ଦୁରୁଆ ଜନଜାତି



ମାଲକାନଗିରି ଜିଲାରେ ଯେଉଁମାନେ ଆଦିବାସୀ, କୋରାପୁଟ ଜିଲାରେ ସେମାନେ ଅଣ ଆଦିବାସୀ। ସରକାରଙ୍କ ଏପରି ଦୋମୁହାଁ ନୀତି ଦୁରୁଆ ଜନଜାତିଙ୍କ ଆଦିବାସୀ ମାନ୍ୟତା ଦାବିକୁ ପୁଣି ଏକ ନୂଆ ବିବାଦ ଭିତରକୁ ଠେଲିଛି।

ଛତିଶଗଡ଼ ସୀମାନ୍ତ କୋଲାବ ନଦୀ ଅବବାହିକାରେ କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତ, କୁନ୍ଦୁରା ବ୍ଲକର କେରିମିଟି, ଆସନା ଓ ବାଗଦେରୀ ପଞ୍ଚାୟତ ଏବଂ କୋଟପାଡ଼ ବ୍ଲକର ଛତର୍ଲା ଓ ମୁର୍ଗାହାଣ୍ଡି ପଞ୍ଚାୟତରେ ଦୁରୁଆ ଜନଜାତି ଲୋକ ବାସ କରନ୍ତି। ଏମାନଙ୍କ ସଂଖ୍ୟା ପ୍ରାୟ ୧୫ ହଜାର ମଧ୍ୟରେ ସୀମିତ। ଦୁରୁଆଙ୍କ ବେଶଭୂଷା, ଖାଦ୍ୟପେୟ ଓ ସଂସ୍କୃତିର ସ୍ୱତନ୍ତ୍ରତା ରହିଛି। ଜିଲା ପରବ ହେଉ କିମ୍ବା ରାଜ୍ୟ ଅଥବା ଜାତୀୟ ସ୍ତରର ଆଦିବାସୀ ମେଳାରେ ସେମାନଙ୍କ ସଂସ୍କୃତିକୁ ଆଦିବାସୀ ମାନ୍ୟତା ମିଳିଛି। କିନ୍ତୁ ଆଦିବାସୀ ତାଲିକାରେ ଦୁରୁଆ ବଦଳରେ ଧୁରୁବା, ଧୁର୍ବା ପ୍ରଭୃତି ଶବ୍ଦ ଦର୍ଶାଯାଉଛି। ଧୁରୁବା ଓ ଦୁର୍ବା ପରୋକ୍ଷରେ ଦୁରୁଆକୁ ସୂଚାଉଛି । କିନ୍ତୁ ଉଚ୍ଚାରଣ ଫରକ ହେତୁ ସେମାନଙ୍କୁ ଜାତିଗତ ପ୍ରମାଣପତ୍ର ଦେବାରେ ପ୍ରଶାସନ ପଛଘୁଞ୍ଚା ଦେଉଛି। ଫଳରେ ଜିଲାରେ ଅନ୍ୟ ଆଦିବାସୀ ସରକାରୀ ସୁବିଧା ପାଉଥିବା ବେଳେ ଦୁରୁଆମାନେ ବହୁ ପଛରେ ରହିଛନ୍ତି। ଦୁରୁଆ ବସତି ଇଲାକାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତାଘାଟ, ସରକାରୀ ଗୃହ, ଆଦିବାସୀ ଛାତ୍ରଙ୍କ ପାଇଁ ହଷ୍ଟେଲ ଓ ପାନୀୟ ଜଳ ପ୍ରକଳ୍ପ କରାଯାଉଛି । କିନ୍ତୁ ସେମାନଙ୍କୁ ଜାତିଗତ ପ୍ରମାଣପତ୍ର ମିଳୁନାହିଁ। ଏହା ନ ଥିବାରୁ ଦୁରୁଆଙ୍କୁ ଅନ୍ୟ ଆଦିବାସୀଙ୍କ ପରି ଶିକ୍ଷା, ଚାକିରି ଓ ରାଜନୀତି କ୍ଷେତ୍ରରେ କୌଣସି ସୁବିଧା ମିଳୁନାହିଁ ।

୨୦୦୨-୦୩ରେ ତତ୍କାଳୀନ ଜିଲାପାଳ ଉଷା ପାଢୀ ଦୁରୁଆ ଜନଜାତିଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ପଦକ୍ଷେପ ନେଇଥିଲେ । ୨୦୦୩ରୁ ୨୦୧୧ ପର୍ଯ୍ୟନ୍ତ କୋରାପୁଟ ଜିଲାରେ ଦୁରୁଆଙ୍କୁ ଆଦିବାସୀ ପ୍ରମାଣପତ୍ର ମଧ୍ୟ ଦିଆଯାଉଥିଲା । ଆଦିବାସୀ ଭାବେ ସେମାନଙ୍କୁ ଜଙ୍ଗଲଜମି ପଟ୍ଟା ମଧ୍ୟ ଦିଆଯାଇଥିଲା । ୨୦୧୨ରୁ କିନ୍ତୁ ସେମାନଙ୍କଠାରୁ ଏହି ମାନ୍ୟତା ଉଚ୍ଛେଦ କରିନିଆଗଲା। ସେତେବେଳେ ଯେଉଁମାନେ ଜାତିଗତ ପ୍ରମାଣ ପତ୍ର ପାଇଥିଲେ, ସେମାନଙ୍କୁ ଏବେ ମଧ୍ୟ ଆଦିବାସୀର ସମସ୍ତ ସୁବିଧା ମିଳୁଛି। ମାଲକାନଗିରି ଜିଲାରେ ବସବାସ କରୁଥିବା ସେହି ଏକା ସଂପ୍ରଦାୟର ଲୋକଙ୍କୁ ଆଦିବାସୀ ଜାତି ପ୍ରମାଣପତ୍ର ଦିଆଯାଉଛି। ଜିଲାର ମାଥିଲି ତହସିଲ ଅନ୍ତର୍ଗତ ବରା ଗ୍ରାମର ଜଣେ ମହିଳାଙ୍କୁ ସେଠାକାର ତହସିଲଦାର ଦେଇଥିବା ଜାତିଗତ ପ୍ରମାଣପତ୍ରର ନକଲ ହସ୍ତଗତ ହୋଇଛି । ଏହାର କେସ ନଂ ସିଏସ୍ ଇ-ସିଏସ୍ /୨୦୧୭। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେ ଅଞ୍ଚଳର ଦୁରୁଆ ଲୋକଙ୍କ ସହ କୋରାପୁଟ ଦୁରୁଆ ଲୋକଙ୍କ ବୈବାହିକ ସଂପର୍କ ରହିଛି । ସେଠାକାର ଝିଅ ଏଠାକୁ ବୋହୂ ହୋଇ ଆସିବା ପରେ ଜାତିଗତ ପ୍ରମାଣପତ୍ର ବଳରେ ସମସ୍ତ ସୁବିଧା ପାଉଛନ୍ତି। କିନ୍ତୁ ଏଠାକାର ଦୁରୁଆ ଯୁବତୀ ଜାତିଗତ ପ୍ରମାଣପତ୍ର ଅଭାବରୁ ସାଧାରଣ ଅଙ୍ଗନୱାଡ଼ି କର୍ମୀ ଅଥବା ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ସରପଞ୍ଚ, ୱାର୍ଡ଼ମେମ୍ବର ପାଇଁ ମଧ୍ୟ ଯୋଗ୍ୟ ହୋଇପାରୁ ନାହାନ୍ତି। ଦୁରୁଆ ଜନଜାତିଙ୍କୁ ପଡ଼ୋଶୀ ଛତିଶଗଡ଼ ସରକାର ଓ ଆମ ରାଜ୍ୟର ମାଲକାନଗିରି ଜିଲା ପ୍ରଶାସନ ଆଦିବାସୀ ମାନ୍ୟତା ଦେଉଥିବା ବେଳେ କୋରାପୁଟ ପ୍ରଶାସନ ପ୍ରତ୍ୟାଖ୍ୟାନ କରିବା ସ୍ଥାନୀୟ ଦୁରୁଆ ଲୋକଙ୍କୁ ଅସନ୍ତୁଷ୍ଟ କରିଛି। ଏ ନେଇ ବୈପାରୀଗୁଡା ବ୍ଲକ ଦୁରୁଆ ସମାଜ ସଭାପତି ଗଣ୍ଡୁ ଦୁରୁଆ କହିଛନ୍ତି, ଛତିଶଗଡ଼ ଓ ମାଲକାନଗିରିରେ ଆମ ଦୁରୁଆ ଲୋକେ ଜାତି ପ୍ରମାଣପତ୍ର ପାଇଲେଣି। ଆମେ କୋରାପୁଟ ଜିଲା ଦୁରୁଆ ଲୋକ କାଇ ପାପ କରିଲୁ, ଆମର ପିଲା ଟୋକି ମାନକେ ପ୍ରମାଣପତ୍ର ମିଳୁନାହିଁ।

**JOINT ENTRANCE EXAMINATION-2018, ODISHA (OJEE-2018)**

No: OJEE-18/470 Date-22/10/2018

**Detailed Schedule for Spot Round Counselling for BAMS/BHMS**

Keeping in view, the cut-off date of admission to BAMS/BHMS courses prescribed by appropriate Authority, the Spot Round counselling-cum-admission for the notified Institutes in Odisha shall be conducted as per the following schedule.

All the registered 'All India NEET' rank holders interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | ALL INDIA NEET RANK |
|---|---|---|---|
| OJEE CELL, Gandamunda | 27-10-2018 | 10:00AM TO 11:00AM | ALL SC, ST and ES Category Candidates |
| | 27-10-2018 | 11:00AM TO 12 NOON | 25000 TO 150000 |
| | 27-10-2018 | 2:30PM TO 3:30 PM | 150001 TO 400000 |
| | 28-10-2018 | 10:00AM TO 11.00 AM | 400001 TO 700000 |
| | 28-10-2018 | 11:00AM TO 12 NOON | 700001 TO 950000 |
| | 28-10-2018 | 2:30PM TO 3:30 PM | 950001 AND ABOVE |

For further details, please login to www.ojee.nic.in/www.odishajee.com

SD/-
CHAIRMAN, OJEE 2018




# ଗୋଟିଏ କୋଠରିରେ ଚାଲିଛି ହଷ୍ଟେଲ, ସ୍କୁଲ

**ରାଇଘର,୨୩।୧୦(ଡି.ଏନ.ଏ)**

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନେ ଶିକ୍ଷାକ୍ଷେତ୍ରରେ କିଭଳି ଅଗ୍ରଗତି କରିବେ ସେଥିନିମନ୍ତେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟର ତଦାରଖ ଅଭାବରୁ ଯୋଜନା ଫଳପ୍ରଦ ହୋଇ ପାରୁ ନାହିଁ । । କେଉଁଠି ଶିକ୍ଷକ ଅଭାବ ତ ଆଉ କେଉଁଠି ଶ୍ରେଣୀ ଗୃହର ଅଭାବ। ଏପରି ସମସ୍ୟା ଭିତରେ ଚାଲିଛି ପିଲାମାନଙ୍କୁ ଶିକ୍ଷା ଦାନ । ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆଯାଇଛି ଏପରିକି ଯେଉଁ ଗୃହରେ ପିଲାମାନଙ୍କୁ ପାଠ ପଢା ହେଉଛି ସେହି ସ୍ଥାନରେ ହଷ୍ଟେଲ ମଧ୍ୟ ଚାଲୁଛି। ନବରଙ୍ଗପୁର ଜିଲା ରାଇଘର ବ୍ଲକ କଚରାପାରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହା ଦେଖିବାକୁ ମିଳିଛି। କଚରାପାରା ବିଦ୍ୟାଳୟଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୨୧୫ ଛାତ୍ରୀଛାତ୍ର ପଢୁଛନ୍ତି। ଶିକ୍ଷାଦାନ ପାଇଁ ୬ ଜଣ ଶିକ୍ଷକ ଅଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ଗୋଟିଏ ଗୃହରେ ଶିକ୍ଷାଦାନ ଚାଲୁଛି । ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ୩ଟି ଶ୍ରେଣୀଗୃହରେ ରହିଛି । ଶ୍ରେଣୀ ଗୃହ ଅଭାବରୁ ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଉକ୍ତ ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା ମଧ୍ୟ ରହିଛି । ୪୦ଜଣ ଛାତ୍ରଙ୍କ ପାଇଁ ହଷ୍ଟେଲରେ ରହିଥିବାବେଳେ ହଷ୍ଟେଲ ଗୃହ ନାହିଁ । ଫଳରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପଢାଯାଉଥିବା ଗୃହରେ ହଷ୍ଟେଲ ଛାତ୍ରୀଛାତ୍ରଙ୍କ ସାମଗ୍ରୀ ରହୁଛି । ହଷ୍ଟେଲର ଛାତ୍ର ଅସୁସ୍ଥତା ଅନୁଭବ କଲେ ଏଠାରେ ଶୋଇବାକୁ ସ୍ଥାନ ନାହିଁ । ବିଦ୍ୟାଳୟ ଛୁଟି ହେବା ପରେ ଶ୍ରେଣୀ ଗୃହରେ ହଷ୍ଟେଲ ଛାତ୍ର ଆରାମ ନେଇଥାନ୍ତି। ହଷ୍ଟେଲ ସମସ୍ୟାକୁ ଗୁରୁତ୍ୱ ଦେଇ ଏଠାରେ ନୂତନ ଏକ ଗୃହ ନିର୍ମାଣ ଶେଷ ହୋଇଛି। ଉଦଘାଟନ ଅପେକ୍ଷାରେ ରହିଥିବାରୁ କାର୍ଯ୍ୟକ୍ଷମ ହୋଇପାରୁନି । ପ୍ରଧାନଶିକ୍ଷକ ଅଜିତ କୁମାର ବାରୋଇଙ୍କୁ ପଚାରିବାରୁ କହିଥିଲେ ଯେ ସ୍କୁଲର ସମସ୍ୟା ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ।



ଗୋଟିଏ କୋଠରିରେ ବିଭିନ୍ନ ଶ୍ରେଣୀର ପିଲାମାନେ ବସି ପାଠ ପଢୁଛନ୍ତି ।

**କଚରାପାରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ଗୋଟିଏ କୋଠରିରେ ବସୁଛନ୍ତି ପ୍ରଥମରୁ ପଞ୍ଚମ ଶ୍ରେଣୀର ପିଲା
- ସ୍ଥାନ ଅଭାବରୁ ପିଲାମାନେ ବାରଣ୍ଡାରେ ବସୁଛନ୍ତି
- ଉଦଘାଟନ ହୋଇ ନ ଥିବାରୁ କାର୍ଯ୍ୟକ୍ଷମ ହୋଇପାରୁନି ହଷ୍ଟେଲ



# ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ

**ଚନ୍ଦାହାଣ୍ଡି, ୨୩।୧୦(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସ୍ଥିତ ପାନାବେଡା ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଚାଲିଥିବା ଜାତୀୟ ସେବା ଶିବିର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଡିଗ୍ରୀ କଲେଜ ଅଧ୍ୟକ୍ଷ ଦ୍ୱାରିକାନାଥ ବାଘ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜାତୀୟ ସେବା ସଂସ୍ଥା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଦିଲୀପ କୁମାର ହୋତା, ମୁଖ୍ୟବକ୍ତା କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଚତୁଃର୍ଭୁଜ ମେହେର, କିଶୋର ବେବର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଜାତୀୟ ସେବା ସଂସ୍ଥାର ଦୁଇଟି ପୋଷ୍ୟ ଗ୍ରାମ ଜୁନାପାଣି ଏବଂ ଝରାବାହାଲଠାରେ ଗ୍ରାମ ସଫେଇ କରାଯିବା ସହ ଜନସାଧାରଣଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିମଳ ସଚେତନତା ଉପରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ଆଇନ ସଚେତନତା ଶିବିର



**ତେନ୍ତୁଲିଖୁଣ୍ଟି,୨୩।୧୦(ଡି.ଏନ.ଏ)**

ତେନ୍ତୁଲିଖୁଣ୍ଟି ବ୍ଲକର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ସମ୍ପାଦକ ପ୍ରଶନ୍ନ କୁମାର ବେହେରା, ଲେବର ଇନ୍ସପେକ୍ଟର ବୁଲୁଶ୍ରୀ ହରିହର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଧୂଭୂଷଣ ବେହେରା ଯୋଗ ଦେଇ ଶ୍ରମିକମାନଙ୍କ ପାଇଁ ଦିଆଯାଉଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ବିଭିନ୍ନ ମାମଲା ପାଇଁ ଗରିବ ଲୋକଙ୍କୁ ମାଗଣାରେ ଆଇନ ସହାୟତା ଯୋଗାଇ ଦିଆଯାଉଛି। ଏଥିପାଇଁ ଆଇନ ସେବା ପ୍ରାଧିକରଣକୁ ଆବେଦନ କଲେ ଆଇନ ସେବା ମିଳିପାରିବ ବୋଲି ପ୍ରାଧିକରଣ ସମ୍ପାଦକ ବୁଝାଇଥିଲେ। ଏଥିରେ ଅଣସଙ୍ଗଠିତ ଶ୍ରମିକମାନଙ୍କୁ ପଞ୍ଜିକରଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

# ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ ବିତରଣ

**ଚନ୍ଦାହାଣ୍ଡି, ୨୩।୧୦(ଡି.ଏନ.ଏ.)**

ଚନ୍ଦାହାଣ୍ଡି ବ୍ଲକ ମାଲଗାଁଠାରେ ମଙ୍ଗଳବାର ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ନବରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ଝରିଗାଁ ବନାଞ୍ଚଳର ଆମ ଜଙ୍ଗଲ ଯୋଜନା ତରଫରୁ ଗ୍ରାମର ୫୦ଜଣ ମହିଳା ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ ଟାଙ୍କି ଏବଂ ଚୁଲା ମାଗଣାରେ ବିତରଣ କରାଯାଇଛି। ମାଲଗାଁ ଫରେଷ୍ଟର ବିପିନ ହରିଜନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ଫରେଷ୍ଟର ଗୁପ୍ତେଶ୍ୱର ପଟ୍ଟନାୟକ, ମାଲଗାଁ ସରପଞ୍ଚ ଉର୍ବସୀ ନାୟକ, ସମିତିସଭ୍ୟା ଜ୍ୟୋସ୍ନାରାଣୀ ନାୟକ, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ବ୍ଲକ ସଭାପତି ଗୌରହରି ନାୟକ, ଡମ୍ବୁରଧର ପାତ୍ର, ଯୁବରାଜ ଜଗତ, ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଦେବିସିଂ ଖର୍ସେଲ, ସୁରେନଜିତ ଖରା ପ୍ରମୁଖ ଯୋଗଦେଇ ଦିନକୁ ଦିନ ଜଙ୍ଗଲ ନଷ୍ଟ ହେଉଥିବା ଯୋଗୁ ପରିବେଶ କିପରି ଅସନ୍ତୁଳନ ହେଉଥିବା ବୁଝାଇଥିଲେ। ରନ୍ଧନଗ୍ୟାସ ଯୋଗୁ ଗୃହିଣୀମାନେ ବିନା ଧୂଆଁ ତଥା ସୁରୁଖୁରୁରେ ରୋଷେଇ କରି ଜାଳେଣି କାଠ ବଞ୍ଚାଇବା ସହ ଜଙ୍ଗଲ କ୍ଷୟକୁ ରୋକାଯାଇପାରିବ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବନବିଭାଗ କର୍ମଚାରୀ ହରେକୃଷ୍ଣ ନାୟକ, ବିନାୟକ ଶୋରୀ ପ୍ରମୁଖ ସହଯୋଗ କରିଥିବାବେଳେ ମମତା ଗ୍ୟାସ କର୍ମଚାରୀ ମହିଳାମାନଙ୍କୁ ଗ୍ୟାସ ଚୁଲାର କିପରି ଉପଯୋଗ ହେବ ସୂଚନା ଦେଇଥିଲେ।



ଗ୍ୟାସ ସିଲିଣ୍ଡର ମିଳିଥିବା ହିତାଧିକାରୀଙ୍କ ସହ ବନକର୍ମଚାରୀମାନେ ।




# ଯାଦବ ମାଝି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

**ଚନ୍ଦାହାଣ୍ଡି,୨୩।୧୦(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମରେ ଆନ୍ତଃରାଜ୍ୟ ଯାଦବ ମାଝି ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀଶ୍ରୀ ଯୁବକ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ପ୍ରତିଯୋଗିତା ୧୨।୧୧।୧୯ରୁ ଆରମ୍ଭ ହୋଇ ଫାଇନାଲ ମ୍ୟାଚ ୨୭।୧।୧୯ରେ କରାଯିବ। ଏହି ଟୋଣ୍ଟି-ଟୋଣ୍ଟି ମ୍ୟାଚର ବିଜେତାଙ୍କୁ ୪୦ ହଜାର ଏବଂ ରନର୍ସ ଦଳଙ୍କୁ ୨୫ ହଜାର ଟଙ୍କା ଟ୍ରଫି ସହ ପ୍ରଦାନ କରାଯିବ। ଏହି ମ୍ୟାଚରେ ଛତିଶଗଡ ଏବଂ ଓଡିଶାର ବିଭିନ୍ନ ଜିଲାର ୧୬ଟି ଦଳ ଭାଗ ନେବେ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ଜିଲା କ୍ରିକେଟ ସଂଘର ଉପସଭାପତି ପ୍ରମୋଦ କୁମାର ପାଢୀ, ସଂଗ୍ରାମ କେଶରୀ ସାହୁ, ବଳରାମ ପଟ୍ଟନାୟକ, ସରପଞ୍ଚ ପ୍ରମିଳା ମାଝି, ବୃନ୍ଦାବନ ମାଝି, ନରେନ୍ଦ୍ର ମାଝି, ସୀମାଞ୍ଚଳ ଗଣ୍ଡା, ବସନ୍ତ ବିଶୋଇ, ଦିପାଂଶୁ ଶେଖର କୁଣ୍ଟ, ଟେକରାମ ନାୟକ, ଗୋବିନ୍ଦ ମାଝି ଏବଂ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାକୁ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା ଏବଂ ଛତିଶଗଡ ରାଜ୍ୟର ଦର୍ଶକଙ୍କ ସମାଗମ ହୋଇଥାଏ।



ବୈଠକରେ ଉପସ୍ଥିତ କମିଟିର ସଦସ୍ୟ ଏବଂ ଅନ୍ୟମାନେ ।

## ସଂକ୍ଷେପରେ

### ଘର ତାଲା ଭାଙ୍ଗି ଚୋରି



**ବୋରିଗୁମ୍ମା,୨୩।୧୦(ଡି.ଏନ୍.ଏ.):** ସ୍ଥାନୀୟ ଭେଙ୍କଟ ନଗରରେ କେହି ନଥିବା ସୁଯୋଗ ନେଇ ଘର ତାଲା ଭାଙ୍ଗି ଚୋରି ହୋଇଥିବା ବୋରିଗୁମ୍ମା ଥାନାରେ ଅଭିଯୋଗ ହୋଇଛି। ଘର ମାଲିକ ଭାସ୍କର ପଟ୍ଟନାୟକ ନିଜ ପରିବାର ସହ ପୈତୃକ ଗ୍ରାମ ଗୁଜୁନିଗୁଡ଼ାକୁ ସୋମବାର ସନ୍ଧ୍ୟାରେ ଯାଇଥିଲେ। ମଙ୍ଗଳବାର ସକାଳୁ ଫେରିବା ପରେ ଘର ସାମ୍ନାପଟ ତାଲା ଭଙ୍ଗାଯାଇ କବାଟ ଖୋଲାଥିବା ଦେଖିବାକୁ ମିଳିଥିଲା। ଘରେ ପଶିବା ବେଳକୁ ସମସ୍ତ ଆବାସପତ୍ର ଏଣେତେଣେ ଫୋପଡ଼ା ହୋଇଥିବା ବେଳେ ଆଲମିରା ଭଙ୍ଗାଯାଇ ସେଥିରେ ଥିବା ଗହଣା ଓ ନଗଦ ଟଙ୍କା, ୩୨ ଇଞ୍ଚର ଏଲ୍ଇଡି ଟିଭି ଚୋରି ହୋଇଥିବା ଜଣାପଡ଼ିଥିଲା। ଭାସ୍କର ଏନେଇ ବୋରିଗୁମ୍ମା ଥାନାରେ ସୂଚନା ଦେବା ପରେ ଏସ୍ଡିପିଓ ହରେକୃଷ୍ଣ ମାଝି, ଆଇଆଇସି ସୁଦାମ ସାହୁଙ୍କ ସମେତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମାଲିକଙ୍କ ଅଭିଯୋଗ ଅନୁଯାୟୀ, ୫ ଭରି ସୁନା ଅଳଙ୍କାର, ନଗଦ ୫ ହଜାର ଏବଂ ଏଲ୍ଇଡି ଟିଭି ଚୋରି ଚୋରି ହୋଇଛି। ଦୀର୍ଘଦିନ ପରେ ବୋରିଗୁମ୍ମା ଅଞ୍ଚଳରେ ପୁଣିଥରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ୁଥିବା ସାଧାରଣରେ ଆଲୋଚନା ହେଉଛି।

### ଘରୋଇ ଅଶାନ୍ତିରୁ ଆତ୍ମହତ୍ୟା

**ସେମିଳିଗୁଡ଼ା, ୨୩।୧୦(ସ୍ୱ.ପ୍ର.):** ସେମିଳିଗୁଡ଼ା ହନୁମାନ ନଗର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ତାଙ୍କ ଶୋଇବା ଘରୁ ଉଦ୍ଧାର କରାଯାଇଛି। ସେ ହେଲେ କେ. ଦେବେନ୍ଦ୍ର ଦୋରା (୪୮)। ଘରୋଇ କଳହକୁ କେନ୍ଦ୍ରକରି ଦେବେନ୍ଦ୍ର ଆତ୍ମହତ୍ୟା କରିଥିବା ନେଇ ଗ୍ରାମବାସୀ କହିଛନ୍ତି। ପ୍ରକାଶ ଯେ, ସୋମବାର ରାତିରେ ଦେବେନ୍ଦ୍ରଙ୍କ ଘରୁ ଜୋରରେ ପାଟିତୁଣ୍ଡ ଶୁଭୁଥିଲା। ସେ ନିଜ ଶୋଇବା ଘର ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଖବର ପାଇ ସୁନାବେଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ। ଏ ନେଇ ସୁନାବେଡ଼ା ଥାନାରେ ୧୦/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କଲେ ୨ ସଚିବ

**ପାରଳାଖେମୁଣ୍ଡି, ୨୩।୧୦(ସ୍ୱ.ପ୍ର.):** ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସଚିବ ବିଶାଳ ଗଗନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ମୋନା ଶର୍ମା ସୋମବାର ଗଜପତି ଜିଲା ଗସ୍ତରେ ଆସି ବାତ୍ୟା ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରିବା ସହ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ସବୁଠୁ ଅଧିକ କ୍ଷତିଗ୍ରସ୍ତ ରାୟଗଡ ବ୍ଲକର ଗଙ୍ଗାବାଡ, କଇଁପୁର, ଇତ୍ୟାଦି ଅଞ୍ଚଳ ସେ ପରିଦର୍ଶନ କରିଥିଲେ। ଜିଲାରେ ମୋଟ ୧ଲକ୍ଷ ୯୩ହଜାର ୭୦୮ ଗାଈ, ମଇଁଷି, ୨୧ହଜାର ୮୩୧ ଛେଳି, ଘୁଷୁରି ଇତ୍ୟାଦି ଓ ୨,୧୪, ୮୨୨ ପକ୍ଷୀ ମୃତାହତ ହୋଇଥିବା ଜଣାପଡ଼ିଛି। ଜିଲାରେ ୨୨ଜଣ ପ୍ରାଣୀ ଚିକିତ୍ସକଙ୍କୁ ନିୟୋଜିତ କରାଯାଇଥିବାବେଳେ ୪୦ଜଣ ପ୍ରାଣୀ ନିରୀକ୍ଷକ ନିଯୁକ୍ତ ହୋଇଛନ୍ତି। ଶତାଧିକ ଗୋରୁଙ୍କ ଚିକିତ୍ସା ଚାଲିଥିବାବେଳେ ଅନେକ ନିଖୋଜ ଅଛନ୍ତି। ସରକାରୀ ସୂଚନା ମୁତାବକ ବାତ୍ୟାରେ ୩୦ଜଣ ପ୍ରାଣ ହରାଇଥିବାବେଳେ ୨୭ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। କୌଣସି କାରଣରୁ ୩ଟି ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ସେଗୁଡ଼ିକ ସତ୍କାର କରିଥିଲେ। ସେହିପରି ୧୮ଜଣ ନିଖୋଜଙ୍କ ମଧ୍ୟରୁ ୧୦ଜଣଙ୍କ ମୃତଦେହ ମିଳିଛି। ଅନ୍ୟ ୮ଜଣ ନିଖୋଜଙ୍କ ସନ୍ଧାନ ଜାରି ରହିଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ସୂଚନା କେନ୍ଦ୍ର ପକ୍ଷରୁ କୁହାଯାଇଛି। ୫ ଶିଶୁଙ୍କୁ ଉଦ୍ଧାର ପରେ ବିଭିନ୍ନ ସ୍ଥାନରେ ଥଇଥାନ କରାଯାଇଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ପାରଳାଖେମୁଣ୍ଡି ପୌରାଞ୍ଚଳରେ ପରିବାର ପିଛା ୧ହଜାର ଟଙ୍କା ଓ ୫୦ କେଜି ଲେଖାଏ ଚାଉଳ ବଣ୍ଟା ସରିଥିବା ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ କହିଛନ୍ତି।

■ ଆନ୍ଦୋଳନକୁ ଓହ୍ଲାଇଲା ବାତ୍ୟା ପୀଡ଼ିତ ସମିତି

# ୧୨ ଦଫା ଦାବିରେ ବ୍ଲକ ଅଫିସ ଘେରାଉ

## ବିକ୍ଷୋଭ ପ୍ରଦର୍ଶନ, ଦାବିପତ୍ର ପ୍ରଦାନ

**ରାୟଗଡ଼ (ଗଜପତି), ୨୩।୧୦(ଡି.ଏନ.ଏ):**

ତିତ୍ଲି ବାତ୍ୟାରେ ଗଜପତି ଜିଲା ରାୟଗଡ଼ ବ୍ଲକରେ ଧାନ, ମକା, ମାଣ୍ଡିଆ, ଜନା, କାନ୍ଦୁଲ, ଝୁଡଙ୍ଗ ଆଦି ବିଭିନ୍ନ ପ୍ରକାରର ପନିପରିବା ଓ ଫସଲ ନଷ୍ଟ ହୋଇଯାଇଛି। ଫଳରେ ଚାଷୀଙ୍କ ମେରୁଦଣ୍ଡ ଦୋହଲିଯାଇଛି। ତେଣୁ ସମସ୍ତ ଚାଷୀଙ୍କ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ କରାଯିବା ସହ ୧୨ଦଫା ଦାବିରେ ମଙ୍ଗଳବାର ରାୟଗଡ଼ ବ୍ଲକ ତିତ୍ଲି ବାତ୍ୟା ପୀଡିତ ସମିତି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ନୃସିଂହ ଚରଣ ସେଠୀଙ୍କୁ ଏକ ଦାବିପତ୍ର ଦିଆଯାଇଛି।

ରାୟଗଡ ହାଟପଦାଠାରୁ ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବ୍ଲକ ଅଫିସ୍ ସମ୍ମୁଖ ରାସ୍ତାରେ ପ୍ରାୟ ୨ଘଣ୍ଟା ପର୍ଯ୍ୟନ୍ତ ଧାରଣା ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବିପନ୍ନଙ୍କ ପ୍ରତି ପ୍ରଶାସନର ପାତରଅନ୍ତର ନୀତିକୁ ବିରୋଧ କରିବା ସହ ରିଲିଫ ବଣ୍ଟନରେ ହେରଫେର ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ । କଇଁପୁର ପଞ୍ଚାୟତ ସୁଆବା ଗ୍ରାମର ଶେଖର ଶବରଙ୍କ ମୃତଦେହକୁ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କାନ୍ଧରେ ବୋହିବା ଘଟଣାକୁ ବିକ୍ଷୋଭକାରୀମାନେ ପ୍ରଶଂସା କରିଥିଲେ। ସମସ୍ତ ବିପନ୍ନଙ୍କୁ ଆର୍ଥିକ ସହାୟତା ଓ ରିଲିଫ, କୃଷିଋଣ ସମ୍ପୂର୍ଣ୍ଣ ଛାଡ଼, ଭାଗଚାଷୀଙ୍କୁ ସମାନ କ୍ଷତିପୂରଣ, କ୍ଷତିଗ୍ରସ୍ତଙ୍କୁ ଗୃହ, ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ, ସମସ୍ତଙ୍କୁ ରାଶନକାର୍ଡ, ଫସଲ ଓ ପ୍ରାଣୀସମ୍ପଦହାନୀଜନିତ କ୍ଷତିପୂରଣ ପ୍ରଦାନ ସହ ରାସ୍ତା ଏବଂ ବିଦ୍ୟୁତ୍ ପୁନରୁଦ୍ଧାର ଲାଗି ଦାବି ଉପସ୍ଥାପନ କରାଯାଇଥିଲା। ସମିତିର ସଭାପତି ଦୁର୍ଗାପ୍ରସାଦ ସୁବୁଦ୍ଧି, ଉପସଭାପତି ନନ୍ଦିନୀ ସାମଲ, ସମ୍ପାଦକ ନରେଶ ଶବର, କୋଷାଧ୍ୟକ୍ଷ ଗଙ୍ଗାଧର ଶବର, ନରେନ୍ଦ୍ର ଜାନୀ, ପ୍ରଶାନ୍ତ ମଲ୍ଲିକ, ନବକିଶୋର ଶବର, ଶ୍ୟାମ ଶବର, ଜିତେନ୍ଦ୍ର ବେହେରା, ବୀର ଭାସ୍କର ପାଇକ, କାମଦେବ ବଡ଼ନାୟକ, ଅଶୋକ ରଣଜିତ୍, ଧନମଣି କାର୍ଜୀଙ୍କ ସମେତ ଭାଜପା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାମାନେ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏଥିରେ ଶତାଧିକ ବିପନ୍ନ ପରିବାରର ସଦସ୍ୟ ଓ ଚାଷୀ ସାମିଲ ଥିଲେ। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା ।



ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି।



ସଂଘ ସଦସ୍ୟାମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

# ପୌର କାର୍ଯ୍ୟାଳୟ ଘେରିଲେ ମହିଳା

**ଜୟପୁର,୨୩।୧୦(ନି.ପ୍ର.)**

■ ନିର୍ବାହୀ ଅଧିକାରୀଙ୍କୁ ୫ଦଫା ଦାବିପତ୍ର

■ ସମାଧାନ ନ ହେଲେ ରାସ୍ତାକୁ ଓହ୍ଲାଇବେ

ଜୟପୁର ପୌରାଞ୍ଚଳ ଅଧୀନ ୧୦ନଂ ୱାର୍ଡ଼ ମଦର ଟେରେସା ମହିଳା ମହାସଂଘ ୫ଦଫା ଦାବିରେ ପୌର କାର୍ଯ୍ୟାଳୟ ଘେରାଉ କରିବା ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। କାଉନସିଲର ତଥା ଭାଜପା ନେତା ଅନୁପ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ଏଥିରେ ସାମିଲ ହୋଇଥିଲେ। ୱାର୍ଡରେ ଥିବା ବହୁ ଗରିବ ହିତାଧିକାରୀ ଖାଉଟି କାର୍ଡ଼ ପାଇ ନାହାନ୍ତି। ତେଣୁ କାର୍ଡ ପାଇଥିବା ହିତାଧିକାରୀଙ୍କ ତାଲିକା ପ୍ରଦାନ, ଦିନକପରେ କାର୍ତ୍ତିକ ମାସ ହେବାକୁ ଥିବାବେଳେ ତୁରନ୍ତ ନୀଳକଣ୍ଠ ସାଗରର ସଫେଇ ଓ ଏହାର ପାହାଚ ନିର୍ମାଣ, ଭଦ୍ରା ସାହି, ମାଳି ସାହି ଓ ନୀଳକଣ୍ଠ ସାଗର ନିକଟ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ ଲଗାଇବା, ମହାସଂଘକୁ ସରୋଜିନୀ ଭବନ ଲିଜ୍‌ରେ ଦେବା, ନୀଳକଣ୍ଠ ସାଗର ଭିତରକୁ ପଶୁଥିବା ଶୌଚାଳୟ ପାଣିକୁ ବନ୍ଦ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ପୌର ପରିଷଦ ସଚେତନ ଅଛି, ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସୁରଭି ପାଣି, ସରସ୍ୱତୀ ପାତ୍ର, ଆରତି ନାୟକଙ୍କ ସମେତ ମହାସଂଘର ସଦସ୍ୟାମାନେ ଉପସ୍ଥିତ ଥିଲେ। ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ମହାସଂଘ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

■ ଜିଲା ପରିଷଦ ସ୍ୱତନ୍ତ୍ର ବୈଠକ

# ପିଏମ୍‌ଜିଏସ୍‌ୱାଇରେ ବିଭିନ୍ନ ପ୍ରସ୍ତାବ ଆଗତ

**କୋରାପୁଟ,୨୩।୧୦(ସ୍ୱ.ପ୍ର.)**

ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଜିଲା ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଆୟୋଜିତ ହୋଇଛି। ଏଥିରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଉପରେ ଜିଲାର ୧୪ଟି ବ୍ଲକର ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇ ବିସ୍ତୃତ ଆଲୋଚନା ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏମ୍‌ପି ଝିନ୍ନ ହିକ୍କା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ଲକ୍ଷ୍ମୀପୁର ବିଧାୟକ କୈଳାସ କୁଲେସିକା, କୋରାପୁଟ ବିଧାୟକଙ୍କ ପ୍ରତିନିଧି ବାବୁଲା ବେନିଆ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ତୁଳସୀ କିର୍ସାନି ଉପସ୍ଥିତ ଥିଲେ । ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ପ୍ରସ୍ତାବଗୁଡ଼ିକୁ କୋରାପୁଟ, ସୁନାବେଡ଼ା ଓ ଜୟପୁର ଡିଭିଜନର ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନେ ଆଗତ କରିଥିଲେ । ଜିଲା ଗ୍ରାମୀଣ ସଡ଼କ ଯୋଜନାରେ ଲମତାପୁଟ ବ୍ଲକରେ ୧୩୩ଟି ପ୍ରକଳ୍ପରେ ୭୦୨.୮୭ କିମି ରାସ୍ତା, ବନ୍ଧୁଗାଁ ବ୍ଲକର ୫୨ଟି ପ୍ରକଳ୍ପରେ ୪୩୭.୩୪ କିମି, ନାରାୟଣପାଟଣା ବ୍ଲକରେ ୫୭ଟି ପ୍ରକଳ୍ପରେ ୬୦୭.୩୦ କିମି ରାସ୍ତା, ଲକ୍ଷ୍ମୀପୁର ବ୍ଲକର ୮୨ଟି ପ୍ରକଳ୍ପରେ ୭୭୫.୮୦ କିମି, ନନ୍ଦପୁର ବ୍ଲକର ୧୫୫ଟି ପ୍ରକଳ୍ପରେ ୯୧୫.୭୨ କିମି, ସେମିଳିଗୁଡ଼ା ବ୍ଲକର ୧୨୭ଟି ପ୍ରକଳ୍ପରେ ୪୬୭.୦୮ କିମି, ପଟ୍ଟାଙ୍ଗି ବ୍ଲକର ୧୩୪ଟି ପ୍ରକଳ୍ପରେ ୫୯୪.୩୮ କିମି, କୋଟପାଡ଼ ବ୍ଲକର ୧୧୨ଟି ପ୍ରକଳ୍ପରେ ୧୩୩୦.୮୨୨ କିମି, ବୋରିଗୁମ୍ମା ବ୍ଲକର ୧୨୭ଟି ପ୍ରକଳ୍ପରେ ୭୩୯.୦୮୯ କିମି, କୁନ୍ଦୁରା ବ୍ଲକର ୭୯ଟି ପ୍ରକଳ୍ପରେ ୩୩୭.୭୬୩ କିମି, ଜୟପୁର ବ୍ଲକର ୧୨୩ଟି ପ୍ରକଳ୍ପରେ ୪୭୬.୨୩୩ କିମି, କୋରାପୁଟ ବ୍ଲକର ୧୪୧ଟି ପ୍ରକଳ୍ପରେ ୫୪୧ କିମି, ଦଶମନ୍ତପୁର ବ୍ଲକର ୧୮୫ଟି ପ୍ରକଳ୍ପରେ ୮୯୨ କିମି ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ବୈଠକରେ ଏହା ଗୃହୀତ ହୋଇଛି।



ଜିଲାପରିଷଦ ବୈଠକରେ ଅଧ୍ୟକ୍ଷ ଓ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

### ବାତ୍ୟା ବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ

**କାଶୀନଗର, ୨୩।୧୦(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ ଏବଂ ଏନ୍ଏସିର ବାତ୍ୟା ଓ ବନ୍ୟା ବିପନ୍ନ ପରିବାର ମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ପ୍ରତି ପରିବାର ପିଛା ୫୦କେଜି ଚାଉଳ ସହ ୧ହଜାର ଟଙ୍କା ଦିଆଯାଇଛି। କାଶୀନଗର ବ୍ଲକରେ ୧କୋଟି ୨୩ ଲକ୍ଷ ୯୩ହଜାର ଟଙ୍କା ଓ ୪ହଜାର ୯୫୦ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯାଇଛି। ସେହିପରି ଏନ୍ଏସିରେ ୨୧୪୦ ରାଶନକାର୍ଡଧାରୀଙ୍କ ମଧ୍ୟରୁ ଏବେ ସୁଦ୍ଧା ୨୦୧୮ ଜଣଙ୍କୁ ୨୦ ଲକ୍ଷ ୧୮ହଜାର ଟଙ୍କା ଓ ପ୍ରାୟ ୧ହଜାର ୮ଶହ କୁଇଣ୍ଟାଲ ଚାଉଳ ବଣ୍ଟାଯାଇଛି। ବାତ୍ୟା ପ୍ରଭାବରେ କାଶୀନଗର ତହସିଲ ଅଞ୍ଚଳର ୪୭୫୬ଟି ଗୁହାଳ ନଷ୍ଟ ହୋଇଥିବା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଗ୍ରାମାଞ୍ଚଳରେ ପ୍ରାଣୀଧନ ବିଭାଗ ତରଫରୁ ୪୨୦ କୁଇଣ୍ଟାଲ ଗୋଖାଦ୍ୟ ବଣ୍ଟାଯିବା ସହ ଗୃହପାଳିତ ପ୍ରାଣୀମାନଙ୍କୁ ଟିକାକରଣ କରାଯାଇଛି। ସେହିପରି ଭିଟାମିନ ଇଞ୍ଜେକ୍ସନ ଏବଂ ଔଷଧ ପ୍ରଦାନ କରାଯାଇଛି।

# ୯ରେ ବ୍ଲକସ୍ତରୀୟ ପରବ



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

**ଦଶମନ୍ତପୁର,୨୩।୧୦(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ପରବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୬ଟି ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଜେଡି ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପ, ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଏଥର ଏହି ବ୍ଲକରେ ଅଭିନବ ଢଙ୍ଗରେ ପରବ ପାଳନ କରାଯିବା ସହ ସ୍ଥାନୀୟ ଏସ୍ଏଚ୍‌ଜି ମହିଳା ପେଡିସିଲ ନଦୀରୁ ୧୦୮ କଳସ ଆଣି ମା' ଖମ୍ବେଶ୍ୱରୀ ମନ୍ଦିର ପୀଠରେ ପହଞ୍ଚିବେ। ସେଠାରୁ ବିଶାଳ ରାଲି ଓ ମଶାଲ ଶୋଭାଯାତ୍ରା ବାହାରି ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିବା ପାଇଁ ନିଷ୍ପତ୍ତି ହୋଇଛି। ନଭେମ୍ବର ୯ରେ ବ୍ଲକସ୍ତରୀୟ ପରବ ପାଳିତ ହେବ ବୋଲି ଦଶମନ୍ତପୁର ପିଇଓ ନରସିଂହ ପଟ୍ଟନାୟକ ସୂଚନା ଦେଇଛନ୍ତି। ଲୁଲ୍ଲା ପଞ୍ଚାୟତ ପିଇଓ ବୈଠକ ପରିଚାଳନା କରିଥିଲେ।

# ରଙ୍ଗବେରଙ୍ଗ ପକ୍ଷରୁ କୁମାର ଉତ୍ସବ

**ପାରଳାଖେମୁଣ୍ଡି, ୨୩।୧୦(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ କବିଚନ୍ଦ୍ର ପାଠାଗାର ପରିସରରେ ରଙ୍ଗବେରଙ୍ଗ ଅନୁଷ୍ଠାନ ପକ୍ଷରୁ କୁମାର ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ ଯୋଗଦେଇ ଓଡ଼ିଆ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଆହ୍ୱାନ ଦେଇଥିଲେ। ଗୁରୁ କୈଳାସ ପଟ୍ଟନାୟକଙ୍କ ସଂଯୋଜନାରେ କୁମାର ପୂର୍ଣ୍ଣମୀର ପାରମ୍ପରିକ ସଙ୍ଗୀତ ଗାନ କରାଯାଇଥିଲା । ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ ହୋଇଥିଲା। ଏହି ଅବସରରେ ଅଧ୍ୟାପକ ସନ୍ତୋଷ କୁମାର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଶାରଦୀୟ କବିତା ପାଠ ଉତ୍ସବ ଏବଂ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ପ୍ରଶାନ୍ତ ପାଢୀ, ଲକ୍ଷ୍ମୀନୃସିଂହ ରଥ, ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଏଟିଏମ୍ ସଚଳ ନହେଲେ ତାଲା ଠୁଙ୍କିବେ ଗ୍ରାହକ

**ଦଶମନ୍ତପୁର,୨୩।୧୧(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକରେ ଥିବା ଏଟିଏମ୍ ଅଚଳ ଯୋଗୁ ଗ୍ରାହକ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ୯ଟି ପଞ୍ଚାୟତର ପ୍ରାୟ ୪୦ ହଜାର ଗ୍ରାହକଙ୍କ ଅର୍ଥ ଉଠାଣ ପାଇଁ ଏଠାରେ ଏଟିଏମ୍ ସ୍ଥାପନ କରାଯାଇଥିଲା। ୧୦ଦିନ ହେବ ତାହା ଅଚଳ ହେବା ଯୋଗୁଁ ତାହା ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ଲୋକେ ଏଟିଏମ୍‌କୁ ଆସି ଏହା ବନ୍ଦ ଥିବା ଦେଖି ନିରାଶ ହୋଇ ଫେରିଯାଉଛନ୍ତି। ହାତରେ ଯେତିକି କ୍ୟାସ୍ ରହିଛି, ସେଥିରୁ ଯତ୍‌କିଞ୍ଚିତ ଖର୍ଚ୍ଚ କରୁଛନ୍ତି। ଜରୁରୀ କାମରେ ଅସୁବିଧା ହେଉଛି। ବାଧ୍ୟହୋଇ ଗ୍ରାହକମାନେ କୋରାପୁଟ ଏଟିଏମ୍‌ରେ ନିର୍ଭର କରୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏଟିଏମ୍ କେନ୍ଦ୍ରରେ ବେଳେବେଳେ ଏବେ ଗାଈଗୋରୁ ଆଶ୍ରୟ ନେଲେଣି। ଖୁବ୍ ଶୀଘ୍ର ଏଟିଏମ୍‌ର କୌଣସି ବ୍ୟବସ୍ଥା କରାନଗଲେ ଏଥିରେ ତାଲା ମାରିବା ପାଇଁ ଗ୍ରାହକମାନେ ଚେତାବନୀ ଦେଇଛନ୍ତି। ଏଟିଏମ୍ କର୍ତ୍ତୃପକ୍ଷ ଗଣେଶ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ଦେଖିବା ବୋଲି ଉତ୍ତର ଦେଇଥିଲେ।

# ପୁଅର ଆଖି ଉପରେ ମାଂସ ପିଣ୍ଡୁଳା

## ଅସ୍ତ୍ରୋପଚାର ପାଇଁ ବାପା ପ୍ରଶାସନର ଦ୍ୱାରସ୍ଥ

**କୋରାପୁଟ,୨୩।୧୦(ସ୍ୱ.ପ୍ର.)**

ପୁଅର ଆଖି ଉପରେ ବଢୁଥିବା ମାଂସ ପିଣ୍ଡୁଳାର ଅସ୍ତ୍ରୋପଚାର ପାଇଁ ମଙ୍ଗଳବାର ବାପା ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କୋରାପୁଟ ଜିଲା କୋଟପାଡ଼ ବ୍ଲକ ଗିର୍ଲା ପଞ୍ଚାୟତ ଧନପୁର ଗ୍ରାମର କମଳ ଲୋଚନ ପୂଜାରୀଙ୍କ ପୁଅ ଦେବେନ୍ଦ୍ର (୧୦)ଙ୍କ ଆଖିରେ ଦୁଇବର୍ଷ ହେଲା ଏକ ମାଂସ ପିଣ୍ଡୁଳା ଅସ୍ୱାଭାବିକ ଭାବେ ବଢୁଛି। ଏଥିଯୋଗୁଁ ଦେବେନ୍ଦ୍ର କିଛି ଦେଖିପାରୁ ନ ଥିବାବେଳେ ପରିବାର ଲୋକେ ଚିନ୍ତିତ ଅଛନ୍ତି। ଏହାର ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଦରକାର ପଡୁଥିବା ବେଳେ ତାହା କିପରି ଯୋଗାଡ଼ କରାଯିବ, ସେହି ଆଶାରେ କମଳଲୋଚନ ମଙ୍ଗଳବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ସହାୟତା ନିବେଦନ କରିଛନ୍ତି। କମଳଲୋଚନଙ୍କ ୨ଟି ପୁଅ ଓ ଗୋଟିଏ ଝିଅ। ଦେବେନ୍ଦ୍ର ସବୁଠୁ ସାନ ହୋଇଥିବାବେଳେ ଜନ୍ମରୁ ବାମ ଆଖି ଉପରେ ଛୋଟ ଫୋଟକାଟିଏ ହୋଇଥିଲା । ଦେବେନ୍ଦ୍ର ଅନ୍ୟମାନଙ୍କ ଭଳି ୫ ବର୍ଷରେ ବିଦ୍ୟାଳୟକୁ ଯାଇ ପାଠପଢ଼ା ଆରମ୍ଭ କରିଥିଲା। ଚତୁର୍ଥ ଶ୍ରେଣୀ ବେଳକୁ ଏହି ଫୋଟକା କିନ୍ତୁ ଅସ୍ୱାଭାବିକ ଭାବେ ବଢ଼ିବଢ଼ି ଏବେ ତାହା ଏକ ମାଂସ ପିଣ୍ଡୁଳାରେ ପରିଣତ ହେଲାଣି। ବାପା କମଳ ପୁଅକୁ ପ୍ରଥମେ କୋରାପୁଟ ମେଡିକାଲ ଓ ପରେ କଟକସ୍ଥିତ ଶିଶୁଭବନ ଏବଂ ସେଠାରୁ ହାଇଦ୍ରାବାଦ ନେଇଥିଲେ। ଅର୍ଥାଭାବ ଯୋଗୁଁ ଆଖିର ଅସ୍ତ୍ରୋପଚାର ହୋଇନଥିଲା । ସେଠାରୁ ଫେରିଆସିବା ପରେ କମଳ ପୁଅ ପାଇଁ ଏବେ ଜିଲାପାଳଙ୍କ ସହଯୋଗ କାମନା କରିଛନ୍ତି।



ବାପାଙ୍କ ସହ ପୁଅ ଦେବେନ୍ଦ୍ର।

